# ଜିଲ୍ଲା ପରିଷଦ, ନୂଆପଡ଼ା

ପତ୍ର ସଂଖ୍ୟା ୧୮୩୫ ତାରିଖ ୦୭.୦୫.୨୦୨୬

## ନୋଟିସ

ଓଡ଼ିଶା ସରକାର , ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ପତ୍ର ସଂଖ୍ୟା ୬୧୪୩ ତାରିଖ ୨୬.୦୨.୨୦୨୬ ଅନୁଯାୟୀ " ବିକଶିତ ଗାଁ ବିକଶିତ ଓଡ଼ିଶା **(BGBO)**" ଯୋଜନା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସକ୍ରିୟ ନାଗରିଙ୍କ ଅଂଶ ଗ୍ରହଣକୁ ଅଗ୍ରାଧିକାର ଦୃଷ୍ଟିରେ ରଖି ଏବଂ ସ୍ଥାନୀୟ ଆବଶ୍ୟକତା ଆଧାରିତ ଦୀର୍ଘ କାଳୀନ ସାମୁଦାୟିକ ସମ୍ପତ୍ତି ସୃଷ୍ଟି ନିମନ୍ତେ ନୂଆପଡ଼ା ଜିଲ୍ଲାର ସମସ୍ତ **PRI** ସଦସ୍ୟ / ସଦସ୍ୟା / ଜନ ପ୍ରତିନିଧି ଓ ଜନ ସାଧାରଣ ତଥା Cvil Society ର ସଦସ୍ୟ / ସଂଗଠନମାନଙ୍କଠାରୁ ପ୍ରକଳ୍ପ ପ୍ରସ୍ତାବ ତାଲିକା ଆମନ୍ତ୍ରଣ କରାଯାଉଅଛି ।

**ପ୍ରକଳ୍ପ ପ୍ରସ୍ତାବ ଦାଖଲ ସମ୍ବନ୍ଧୀୟ ସୂଚନା :**

୧ । ପ୍ରସ୍ତାବ ଗୁଡିକ ସ୍ଥାନୀୟ ଲୋକଙ୍କ ପ୍ରକୃତ ଆବଶ୍ୟକତା ଉପରେ ଆଧାରିତ ହେବା ଆବଶ୍ୟକ ।

୨ । ଦୀର୍ଘ କାଳୀନ ସମୁଦାୟିକ ସମ୍ପତ୍ତି ସୃଷ୍ଟିକୁ ସହାୟକ ହେବା ଦରକାର ।

୩ । ପ୍ରସ୍ତାବ ଲିଖିତ ଭାବରେ ଦାଖଲ କରାଯିବ ।

**ଦାଖଲ କରିବାର ଠିକଣା :-**

ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ , ନୂଆପଡ଼ା

**ଶେଷ ତାରିଖ :-**

ଏହି ନୋଟିସ ପ୍ରକାଶ ତାରିଖର **୭ (ସାତ)**ଦିନ ମଧ୍ୟରେ
ନିର୍ଦ୍ଧାରିତ ସମୟ ପରେ ପ୍ରାପ୍ତ ପ୍ରସ୍ତାବ ଗୁଡିକୁ ବିଚାରାଧୀନ କରାଯିବ ନାହିଁ ।

ଜିଲ୍ଲାପାଳ- ତଥା-ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ,
ଜିଲ୍ଲା ପରିଷଦ ,ନୂଆପଡ଼ା

ପରିପତ୍ର ସଂଖ୍ୟା ୧୮୩୬ /ତାରିଖ ୦୭.୦୫.୨୦୨୬

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ , ବୋଡ଼େନ / ଖଡିଆଳ / କୋମନା / ନୂଆପଡ଼ା ତଥା ସିନାପାଲୀ ଙ୍କ ଅବଗତି ଓ ବିହିତ କାର୍ଯନୁଷ୍ଠାନ ନିମନ୍ତେ ସୂଚିତ କରାଯିବା ସଙ୍ଗେ ସଙ୍ଗେ ଏହା ନିର୍ଦ୍ଦେଶ କରାଯାଏ କି ଉକ୍ତ ନୋଟିସର ଏକକିତା ନକଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ସମସ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ବିଧିବଦ୍ଧ ଭାବରେ ପ୍ରକାଶିତ କରିବା ହେବେ ।

ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ,
ଜିଲ୍ଲା ପରିଷଦ, ନୂଆପଡ଼ା

ପରିପତ୍ର ସଂଖ୍ୟା ୧୮୩୭ /ତାରିଖ ୦୭.୦୫.୨୦୨୬

ଏହାର ଏକକିତା ନକଲ ଜିଲ୍ଲା ପରିଷଦ କାର୍ଯ୍ୟାଳୟ , ନୋଟିସ ବୋର୍ଡ ଏବଂ ଜିଲ୍ଲାପାଳ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରା ଗଲା ।

ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ,
ଜିଲ୍ଲା ପରିଷଦ, ନୂଆପଡ଼ା

ପରିପତ୍ର ସଂଖ୍ୟା ୧୮୩୮ /ତାରିଖ ୦୭.୦୫.୨୦୨୬

ଏହାର ଏକକିତା ନକଲ ଇ-ସାଶନ ପରିଚାଳକ ,ଜିଲ୍ଲାପାଳ କାର୍ଯ୍ୟଳୟ , ନୂଆପଡ଼ା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ସକାଶେ ପ୍ରେରଣ କରାଗଲା ଏବଂ ଉକ୍ତ ନୋଟିସ ଟି ଜିଲ୍ଲା **website** ରେ ଜନସାଧାରଣଙ୍କ ଅବଗତି ନିମନ୍ତେ ବିଧିବଦ୍ଧ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

ଜିଲ୍ଲାପାଳ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ,
ଜିଲ୍ଲା ପରିଷଦ, ନୂଆପଡ଼ା